# ଗୁଣପୁର ସଙ୍କୁଳସ୍ତରୀୟ ପରିବାର ପ୍ରବୋଧନ କାର୍ଯ୍ୟକ୍ରମ



ଗୁଡାରୀ,୪।୧(ସମିସ):

ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆନୁକୂଲ୍ୟରେ ଗୁଣପୁର ସଙ୍କୁଳସ୍ତରୀୟ ପରିବାର ପ୍ରବୋଧନ କାର୍ଯ୍ୟକ୍ରମ ଗୁଡାରୀ ଗଡର ମା' ମାଣିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାରେ ସ୍ଥାପିତ ୭ଟି ଶିଶୁ ମନ୍ଦିରର ୨୫୦ ଜଣ ସଙ୍କୁଳସ୍ତରୀୟ ପରିବାର ବର୍ଗ ଯୋଗ ଦେଇଥିଲେ। ପ୍ରଥମେ ମଞ୍ଚରେ କୋରାପୁଟ ଜିଲ୍ଲା ଜୟପୁରରୁ ସହ ବିଭାଗ ନିରୀକ୍ଷକ ବିଷ୍ଣୁ ଚରଣ ଦାସ ଉପସ୍ଥିତ ଥିବାବେଳେ ରାୟଗଡ଼ା ଜିଲ୍ଲାର ପ୍ରମୁଖ ନରେନ୍ଦ୍ର ନାୟକ ଏବଂ ସହ ପ୍ରମୁଖ କୃଷ୍ଣ ସାହୁ ଗୁଡାରୀ ଉପସ୍ଥିତ ଥିଲେ। ସେହିପରି ଗୁଣପୁର ଉପଖଣ୍ଡରୁ ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଏବଂ ସଙ୍କୁଳ ସଂଯୋଜନ ପ୍ରଫୁଲ୍ଲ କୁମାର ଶତପଥି ମଞ୍ଚରେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ଗୁଡାରୀ ଶିଶୁ ମନ୍ଦିରର ସଭାପତି କୃଷ୍ଣ ପ୍ରସାଦ ସାହୁ, ଉପ ସଭାପତି ଗୋପିନାଥ ଗୌଡ଼, ସମ୍ପାଦକ ପ୍ରଫୁଲ୍ଲ ଦେଓ ଏବଂ ଯୁଗ୍ମ ସମ୍ପାଦକ ନିଳାମ୍ବର ଶବର ଯୋଗ ଦେଇଥିଲେ। ସମସ୍ତ ଅତିଥି ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆସିଥିବା ସଙ୍କୁଳ ସ୍ତରୀୟ ଅତିଥି ମାନେ ପରିବାର ପ୍ରବୋଧକକୁ ନେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଗୁଡାରୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦିଲୀପ ସାହୁ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଭୋଜନରେ ଆପ୍ୟାୟିତ ସହ ପରିବାର ବର୍ଗଙ୍କୁ ନେଇ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## ୩୫ ସରକାରୀ ଆଇନଜୀବୀ ନିଯୁକ୍ତ

# ସରକାରୀ ତାଲିକାରେ ମୃତ ଆଇନଜୀବୀ

ନବରଙ୍ଗପୁର,୪।୧(ସମିସ): ସରକାରୀ ଆଇନଜୀବୀ ଭାବରେ ନବରଙ୍ଗପୁର ଜିଲ୍ଲାରୁ ମୋଟ ୩୫ ଜଣ ଆଇନଜୀବୀଙ୍କ ନାମ ଘୋଷଣା ହୋଇଛି। ନବରଙ୍ଗପୁର ଜିଲ୍ଲା ସରକାରୀ ଓକିଲଙ୍କ ତାଲିକାରେ ଉମରକୋଟର ମୃତ ଆଇନଜୀବୀ ସ୍ୱର୍ଗତ ବାଳକୃଷ୍ଣ ପାତ୍ରଙ୍କ ନାଁ ରହିଛି। ଆଇନଜୀବୀ ଶ୍ରୀ ପାତ୍ରଙ୍କର ଗତ ୨୦୨୫ ନଭେମ୍ବର ୬ ତାରିଖରେ ପରଲୋକ ଘଟିଛି। ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏନଡିପିଏସ୍ ଆକ୍ଟ ମାମଲା ଲାଗି) ମୃତ ଆଇନଜୀବୀ ସ୍ୱର୍ଗତ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ନବରଙ୍ଗପୁର ଜିଲ୍ଲାରେ ନୂତନ ଭାବରେ ସରକାରୀ ଆଇନଜୀବୀ ନିଯୁକ୍ତିରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର କୋର୍ଟ ପକ୍ସୋରେ ନବରଙ୍ଗପୁର ବିଶିଷ୍ଟ ଆଇନଜୀବୀ ମୃତ୍ୟୁଞ୍ଜୟ ମହାରାଣାଙ୍କୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ମିଳିଥିବା ବେଳେ ଜିଲ୍ଲା ଦୌରାଜଜ୍ ଏବଂ ସେସନସ୍ କୋର୍ଟରେ ସରକାରୀ ଓକିଲ(ଜିପି) ଭାବରେ ଜିଲ୍ଲାର ବରିଷ୍ଠ ଆଇନଜୀବୀ ଝଡେଶ୍ୱର ଖାଡଙ୍ଗା, ମାନସ ତ୍ରିପାଠୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ଏନଡିପିଏସ) ଭାବେ ବିଦୁଶେଖର ତ୍ରିପାଠୀ, (ଏସସି/ଏସଟି ଆକ୍ଟ) ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ସରୋଜ ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ଅତିରିକ୍ତ ସରକାରୀ ଓକିଲ ଭାବେ ପ୍ରଶାନ୍ତ କୁମାର ପଟ୍ଟନାୟକ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ତପନ କୁମାର ସିଂ, ଶତାବ୍ଦୀ ପାଳ, ସିଜିଏମ୍ କୋର୍ଟରେ ଆସୋସିଏଟ୍ ଲୟର ଭାବେ କିଶୋରୀ ପଟ୍ଟନାୟକ, ଆସିଷ୍ଟାଣ୍ଟ ପିପି ଭାବେ ସ୍ୱାଗତିକା ସାମନ୍ତରାୟ, ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କ ଆସୋସିଏଟ୍ ଲୟର ହରି ନାରାୟଣ ବେହେରା, ସିଭିଲ ଜଜ୍ ସିନିୟର ଡିଭିଜନ ମହିଳା କୋର୍ଟ ଆସୋସିଏଟ୍ ଲୟର ସଂଜୀବ କୁମାର ଭକ୍ତ, ଆସିଷ୍ଟାଣ୍ଟ ପିପି ଶ୍ରୀକାନ୍ତ ପଣ୍ଡା, ଜେଏମଏଫସି ଆସିଷ୍ଟାଣ୍ଟ ପିପି ସୀମାଞ୍ଚଳ ପାଢ଼ୀ, କୋଡିଙ୍ଗା ଜେଏମ୍ଏଫସି ଆସିଷ୍ଟାଣ୍ଟ ପିପି ଅରୁଣ ପ୍ରସାଦ ନାୟକ, ଉମରକୋଟ-୧ର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟରେ ଅତିରିକ୍ତ ସରକାରୀ ଓକିଲ ରାମ ପ୍ରସାଦ ନାୟକ, ଅତିରିକ୍ତ ପିପି ଅଶୋକ ପାଢ଼ୀ, ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ଗୋପୀନାଥ ସାହୁଙ୍କ ନାମ ଘୋଷଣା ହୋଇଛି। ଜେଏମଏଫସିରେ ଆସିଷ୍ଟାଣ୍ଟ ପିପି ଭାବେ କ୍ରିଷ୍ଣା ରାୟ, ଚନ୍ଦାହାଣ୍ଡି ଜେଏମଏଫସିରେ ଆସିଷ୍ଟାଣ୍ଟ ପିପି ଭାବେ ହୀରାଧର ମାଳି, ଝରିଗାଁ ଜେଏମଏଫସିରେ ଆସିଷ୍ଟାଣ୍ଟ ପିପି ଭାବେ ପ୍ରଦୀପ କୁମାର ପଟ୍ଟନାୟକ, ରାଇଘର ଜେଏମଏଫ ସିରେ ଆସିଷ୍ଟାଣ୍ଟ ପିପି ଭାବେ ପୂର୍ଣ୍ଣ ଚନ୍ଦ୍ର ଗଣ୍ଡ, ଫରେଷ୍ଟ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ସୁଧୀର କୁମାର ବେହେରା, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେଆସିଷ୍ଟାଣ୍ଟ ପିପିଭାବେ ସାଇରାମ ସାମନ୍ତରାୟ, ନବରଙ୍ଗପୁର ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ଶ୍ରୀନିବାସ ପାତ୍ର, ଡାବୁଗାଁ ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ଦିବାନ ସିଂ, ଦିବ୍ୟରଞ୍ଜନ ପାତ୍ର, ନନ୍ଦାହାଣ୍ଡି ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ବିଜୟ କୁମାର ଯାଦବ, କୋଡିଙ୍ଗା ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ତ୍ରିନାଥ ମାଝୀ, ପାପାଡାହାଣ୍ଡି ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ଏକମ୍ବ ବିଷୋୟୀ, ଉମରକୋଟ ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ଶଙ୍କର ପତି, ଝରିଗାଁ ତହସିଲରେ ସୁବାସ ପଟ୍ଟନାୟକ ଓ ଚନ୍ଦାହାଣ୍ଡି ତହସିଲରେ ଆସିଷ୍ଟାଣ୍ଟ ପିପି ଭାବେ ସୀମାଞ୍ଚଳ ମଲ୍ଲିକଙ୍କୁ ନିଯୁକ୍ତି ଦିଆଯାଇଥିବା ନେଇ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

## ଅବନୀ ମିଶ୍ରଙ୍କ ସ୍ମୃତିସଭା

ନାରାୟଣପାଟଣା,୪।୧(ସମିସ): ନାରାୟଣପାଟଣା ବ୍ଲକର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଅବନୀ ଗଂଜନ ମିଶ୍ରଙ୍କ ଦଶାହ ତିଥିରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଏକ ସ୍ମୃତସଭା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଏବଂ କାର୍ଯ୍ୟରତ ଶିକ୍ଷକ, ଛାତ୍ରଛାତ୍ରୀ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ ଦୋରା ,ଥାନା ଅଧିକାରୀ ପ୍ରମୋଦ କୁମାର ନାୟକଙ୍କ ସମେତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ଅବସରପ୍ରାପ୍ତ ଶିକ୍ଷକ ଯୋଗଦେଇ ସ୍ମୃତି ଚାରଣ କରି ନିରବ ପ୍ରାର୍ଥନା କରିଥିଲେ। ତାଙ୍କ ବିୟୋଗ ଶିକ୍ଷା ବ୍ୟବସ୍ଥାରେ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ। କାର୍ଯ୍ୟକ୍ରମକୁ ଏସ୍ କିଶାନ କୁମାର ,ସିମାଚଳ ପଣ୍ଡା ,ଜାମି ଶ୍ରୀନୁ , ଜି.ସନ୍ତୋଷ କୁମାର, କାମେଶ୍ୱର ପଟନାୟକ , ପରଶୁରାମ ତାଡିଙ୍ଗି, ସନ୍ତୋଷ ସୁବୁଦ୍ଧି, ଜାମି ସୁରିଆ,ଏସ୍ ତ୍ରିନାଥ, ଦିଲିପ ବିଡିକା, ଅମରନାଥ ପାଢୀ, ନୀଳମଣି ପାଢୀ, ଚନ୍ଦନ ସେଠୀ, ଚନ୍ଦ୍ର ଶେଖର କୁଳଦିପ୍ୟା , ଗଣେଶ ଦୋରା , ଅଜୟ କୁମାର ତୁରୁକ ,ଦୁର୍ଗା ମହାପାତ୍ର, ଅଜିତ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର

ଚିତ୍ରକୋଣ୍ଡା, ୪।୧(ସମିସ): ଆଜି ମାଲକାନଗିରି ଜିଲ୍ଲାସ୍ତରୀୟ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ଚିତ୍ରକୋଣ୍ଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବନଖଣ୍ଡ ଅଧିକାରୀ ସାଇ କିରଣ ଡିଏସଙ୍କ ଅଧ୍ୟକ୍ଷତାରେ ହୋଇ ଥିଲା। କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଭାବେ ମନସୁନ ଖେମୁଡୁ ଓ ସମ୍ମାନିତ ଅତିଥି ରୂପେ ପ୍ରିୟଙ୍କା ମହୁକା ଯୋଗ ଦେଇଥିଲେ। ସାଇ କିରଣ ନୂତନ ଭାବରେ ଯୋଗ ଦେଇଥିବା ବନରକ୍ଷୀ ମାନଙ୍କୁ ସ୍ୱାଗତ କରିଥିଲେ। ଏ ବର୍ଷ ମଧ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ ପାଇଁ ବନ ବିଭାଗ, ଫାୟାର ଷ୍ଟାର୍ଡ ଓ ବନ ସୁରକ୍ଷା ସମିତି ସଦସ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହାୟତା ପ୍ରଦାନ କରିବା ପାଇଁ କହିଥିଲେ। ଏସିଏଫ୍ ମନସୁନ ଖେମୁଡୁ ଅଗ୍ନି ନିରୋଧକ ପଦକ୍ଷେପ ସହ ପୂର୍ବ ବର୍ଷ ୨୦୨୪ରେ ୨୮୬୨ ଫାୟାର ପଏଣ୍ଟ ରହିଥିବା ବେଳେ ୨୦୨୫ ବର୍ଷରେ ଏହା ହ୍ରାସ ପାଇ ୧୦୪୭ ହୋଇଥିଲା। ସଚେତନ କାର୍ଯ୍ୟକ୍ରମ ପରେ ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲାର ସମସ୍ତ ବନାଞ୍ଚଳର ରେଞ୍ଜର, ବନପାଳ ବନରକ୍ଷୀ ,ସୃଷ୍ଟି ଅନୁଷ୍ଠାନ କର୍ମୀ, ବହୁ ପାରା ଷ୍ଟାଫ ଯୋଗ ଦେଇ ଥିଲେ।

# ଆଦିବାସୀ ଯୁବକ 'ମ୍ୟାନ୍ ଅଫ୍ ଦି ଆର୍ଥ-୨୦୨୫'ର ବିଜେତା



ମାଲକାନଗିରି, ୪।୧(ସମିସ): ମାଲକାନଗିରି ଜିଲ୍ଲାର ଜଣେ ଆଦିବାସୀ ଯୁବକ ଜିଲ୍ଲାର ଗୌରବକୁ ଆହୁରି ବଢ଼ାଇ ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ 'ମ୍ୟାନ୍ ଅଫ୍ ଦି ଆର୍ଥ ୨୦୨୫' ଭାବେ ବିଜୟ ଲାଭ କରିଛନ୍ତି ମାଲକାନଗିରିର ଆଦର୍ଶ ମାଝୀ । ଗତବର୍ଷ ସାଉଥ୍ ଆଫ୍ରିକାରେ ଏହି ମ୍ୟାନ ଅଫ୍ ଦି ଅର୍ଥ ଆୟୋଜନ ହୋଇଥିଲା। ଚଳିତ ବର୍ଷ ଭାରତ ଏହାର ଆୟୋଜକ ଥିଲା।। ତେବେ ମୁମ୍ବାଇର ହୋଟେଲ କୋହିନୂରରେ ଏହାର ପ୍ରତିଷ୍ଠାତା ତଥା ସଭାପତି ଅମର ଶାମୁ ସନାବାନେଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତ ପାଇଁ ଏହି ଯୁବକ ପ୍ରତିନିଧିତ୍ୱ କରିଥିଲେ। ଗତବର୍ଷ ଜାତୀୟ ପ୍ରତିଯୋଗୀ ବିଜେତା ଭାବେ ଜିଏମ୍ଆଇ ମିଷ୍ଟର ଇଣ୍ଡିଆ ୨୦୨୪ ଥିବା ବେଳେ ଚଳିତ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱର ୨୦ଟି ଦେଶ ଯଥା ୟୁକ୍ରେନ୍, ଆଲଜେରିଆ, ଆମେରିକା, ଶ୍ରୀଲଙ୍କା, ମାଲେସିୟା,

### କୋୟା ସମ୍ପ୍ରଦାୟର ସଂସ୍କୃତି ଦେଇଛି ସଫଳତା

ନେପାଲ, ଅଷ୍ଟ୍ରେଲିଆ ଭଳି ଦେଶ ଗୁଡିକ ଭାଗ ନେଇଥିବା ବେଳେ ଗତ ଡିସେମ୍ବର ୨୬ ଠାରୁ ୩୦ ପର୍ଯ୍ୟନ୍ତ ୫ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଲେଂଟ ରାଉଣ୍ଡ, ଫଟୋସୁଟ୍ ରାଉଣ୍ଡ, ସ୍ୱିମିଙ୍ଗ ବିୟର୍ ରାଉଣ୍ଡ, ପର୍ସନାଲ ଇଣ୍ଟରଭ୍ୟୁ, ନେସନାଲ କଷ୍ଟୁମ୍, ଇନଟ୍ରଡକ୍ସନ ରାଉଣ୍ଡ, ରାମ୍ପ ବାକ୍ ରାଉଣ୍ଡ, ହୋଇଥିଲା।। ନେସନାଲ କଷ୍ଟୁମ୍ ରାଉଣ୍ଡରେ ଶ୍ରୀ ମାଝୀ ମାଲକାନଗିରି ଜିଲ୍ଲାର କୋୟା ଜନଜାତି ପୋଷାକ ପରିଧାନ କରି ଆଦିବାସୀ ପରମ୍ପରାକୁ ଆନ୍ତର୍ଜାତୀୟ ମୈଦାନରେ ପ୍ରଦର୍ଶିତ କରିଥିଲା। ଟାଲେଣ୍ଟ ରାଉଣ୍ଡରେ ସେ ଭାରତୀୟ ସେନାକୁ ଶ୍ରଦ୍ଧାଞ୍ଜଳି ଦେବା କାର୍ଯ୍ୟକ୍ରମ ପ୍ରଦର୍ଶନ କରି ଉତ୍ତମ ଟାଲେଣ୍ଟ ପୁରସ୍କାର ପାଇଥିଲେ। ଶେଷରେ ପ୍ରଶ୍ନ ଉତ୍ତର ରାଉଣ୍ଡରେ ସବୁ ପ୍ରଶ୍ନର ସଠିକ୍ ଉତର ଦେଇ ମ୍ୟାନ ଅଫ ଦିଏର୍ଥ ୨୦୨୫ରେ ପ୍ରତିଯୋଗୀ ବିଜେତା ହୋଇଛନ୍ତି। ଶ୍ରୀ ମାଝୀ କୋରାପୁଟ ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ସେ ବର୍ତ୍ତମାନ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ରହି ଓଡିଶା ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ ହେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷିକେଶ ସେଠୀ ଓ ଅନ୍ୟ ସଦସ୍ୟ ଏବଂ କର୍ମକର୍ତା ମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପିଇବା ପାଣି ପାଇଁ ହନ୍ତସନ୍ତ ନିସ୍ୱାହାଣ୍ଡି ଗ୍ରାମବାସୀ



ନନ୍ଦାହାଣ୍ଡି, ୪।୧(ସମିସ): ପ୍ରଶାସନ ତରଫରୁ ପ୍ରତ୍ୟେକ ଲୋକଙ୍କ ନିମନ୍ତେ ପିଇବା ପାଣି ପାଇଁ ଅନେକ ଯୋଜନା କରୁଛନ୍ତି। ଯୋଜନା ଅଧାରେ ରହି ଲୋକଙ୍କ ସମସ୍ୟା ଦୂର ହୋଇପାରୁ ନାହିଁ। ପିଇବା ପାଣି ଜୀବନର ଏକ ମୂଲ୍ୟବାନ ଥିବାବେଳେ ପିଇବା ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଦୀର୍ଘଦିନ ହେଲା ଦୁଇଟି ନଳକୂଅ ଅଚଳାବସ୍ଥାରେ ପଡି ରହିଛି। କୌଣସି ଅଧିକାରୀ ଏଥିପ୍ରତି ଧ୍ୟାନ ନ ଦେବା କହିଛନ୍ତି ଗ୍ରାମବାସୀ। ନଳକୂଅ ଥାଇ ମଧ ନ ଥିଲା ସହ ସମାନ ହୋଇଛି। ନନ୍ଦାହାଣ୍ଡି ବ୍ଲକ ନିସ୍ୱାହାଣ୍ଡି ଗ୍ରାମର ହରିଜନ ସାହି, ଆଡଁଲିଆ ସାହି ଓ ତଳ ସାହିରେ ଦେଖିବାକୁ ମିଳିଛି ଏଭଳି କରୁଣ ଦୃଶ୍ୟ। ସରକାର ବସୁଧା ଜଳ ଦେଇ ପିଇବା ପାଣି ସମସ୍ୟା ଦୂର କରିବାକୁ ଯୋଜନା ରହିଥିବା ସମୟରେ ଏହି ଗାଁରେ ବସୁଧା ଜଳ ପାଉ ନ ଥିବା ଅଭିଯୋଗ କରିଛନ୍ତି। ନିସ୍ୱାହାଣ୍ଡି ଗ୍ରାମର ତିନି ସାହିରେ ଆଜି ଯାଏଁ ବସୁଧା ଜଳ ନ ପାଇ ହନ୍ତସନ୍ତ ହେଉଛନ୍ତି। ତିନି ସାହିରେ ପ୍ରାୟ ୭୦ ପରିବାର ରହୁଥିବା ବେଳେ ଦୁଇଟି ନଳକୂଅରେ ମଇଳା ପାଣି ବାହାରୁଥିବା ଅଭିଯୋଗ କରିଛନ୍ତି। ଆଉ ଦୁଇଟି ଦୀର୍ଘଦିନ ହେବ ଅଚଳାବସ୍ଥା ଥିବାରୁ ଲୋକେ ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହୋଉଛନ୍ତ। ଏବିଷୟରେ ବାରମ୍ବାର ଅଧିକାରୀ ମାନଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଜଳ ହିଁ ଜୀବନ କୁହାଯାଉଥିବା ସମୟରେ ଏହି ଗାଁରେ କିନ୍ତୁ ଏହାର ଅନୁରୂପ ଦେଖିବାକୁ ମିଳିଛି। ତିନି ସାହିରେ ନଳକୂଅ ଅଚଳ ହେବା ସହ ଦୁଇଟିରେ ମଇଳା ପାଣି ବାହାରୁଥିବା ସମୟରେ ପ୍ରଶାସନ ଧ୍ୟାନଦେଇ ମରାମତି କରିବାକୁ ଗ୍ରାମର ଜସେଫ ଖୁରା, ପ୍ରଫୁଲ ଖୁରା, ସୁରେନ୍ଦ୍ର ବେନ୍ୟା, ଭୁବନ ବେନ୍ୟା, ହେମା ଭତ୍ରା, ସଦା ଡ଼ଙ୍ଗରି,ଟଙ୍କଧର ଶିଖର, କନକ ହିଆଲ, ଲବିତା ହରିଜନ, ବିନଦ ଖୁରା, ନିଲେପା ଖୁରା, ଲୁଇନା ଖୁରା ଓ ସଂଗୀତା ଖୁରା ପ୍ରମୁଖ ଦାବି କରିଛନ୍ତି।

# ବହୁଜନ ସମାଜ ପାର୍ଟିର ମିଶ୍ରଣ ପର୍ବ

ବିଷମକଟକ, ୪।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ନିର୍ବାଚନ ମଣ୍ଡଳିରେ ବହୁଜନ ସମାଜ ପାର୍ଟୀ ତାର ସଂଗଠନ ଦିନକୁ ଦିନ ସୁଦୃଢ କରି ଚାଲିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳକୁ ସଦୃଢ କରିବା ପାଇଁ ବଳ ଗୁଟାଉଛି ବିଏସପି ଦଳ। ଏହି ପରିପ୍ରେକ୍ଷୀରେ ଦଶ ଦିନ ମଧ୍ୟରେ ଏହି ଦଳ ଦ୍ୱିତୀୟ ଥର ପାଇଁ ବିଷମକଟକ ଠାରେ ତାର ମିଶ୍ରଣ ପର୍ବ ପୁଣି ଆୟୋଜନ କରିଛି ।ଯାହା ବିଷମକଟକ ନିର୍ବାଚନ ମଣ୍ଡଳୀର ରାଜନୀତିକୁ ସରଗରମ କରିଥିବା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି । ଆଜି ବିଷମକଟକ



ସଦର କଲ୍ୟାଣ ମଣ୍ଡପ ଠାରେ ଏହି ବିଶାଳ ମିଶ୍ରଣ ପର୍ବ ପୁଣି ଆୟୋଜିତ ହୋଇଯାଇଛି। ମିଶ୍ରଣ ପର୍ବରେ ବହୁଜନ ସମାଜ ପାର୍ଟୀ ରାଜ୍ୟ ସଭାପତି ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବାଗତଙ୍କୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଚାଞ୍ଚଡାଗୁଡା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ସମେତ ବିଷମକଟକ ବ୍ଲକର ବିଭିନ୍ନ ପଞ୍ଚାୟତର ପଞ୍ଚାୟତ ପ୍ରତିନିଧି, ୱାର୍ଡ ସଭ୍ୟ, ପ୍ରମୁଖ ବିଧିବଦ୍ଧ ଭାବେ ବହୁଜନ ସମାଜ ପାର୍ଟିରେ ଯୋଗ ଦେଇଥିଲେ। ବିଷମ କଟକ ବ୍ଲକ ତଥା ମୁନିଗୁଡା, କଲ୍ୟାଣସିଂପୁର କୋଲନରା ବ୍ଲକର ବିଭିନ୍ନ ରାଜନୈତିକ ଦଳର ଶହେରୁ ଅଧିକ ସକ୍ରିୟ କର୍ମୀମାନେ ନିଜ ଦଳ ଛାଡି ବିଏସ୍ପିରେ ଯୋଗଦାନ କରିଛନ୍ତି। ମିଶ୍ରଣ ପର୍ବରେ ଯୋଗ ଦେଇଥିବା ସଦସ୍ୟ ମାନଙ୍କ ଦ୍ୱାରା ଦଳ ଆହୁରି ସୁଦୃଢ ହେବ ବୋଲି ରାଜ୍ୟ ସଭାପତି ପ୍ରକାଶ କରିଛନ୍ତି । ଏହି ମିଶ୍ରଣ ପର୍ବରେ ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ଜାକକା, ଜିଲ୍ଲା ସଭାପତି ପୂର୍ଣ୍ଣ ଚନ୍ଦ୍ର ଟାକ୍ରି, ଏସ୍ଟି ସେଲ୍ ଜିଲ୍ଲା ସଭାପତି ଶ୍ରୀପତି ଉର୍ଲାକା, ଜିଲ୍ଲା ପ୍ରଭାରୀ ରାମଦାଶ ଟାକ୍ରି, ଉପଦେଷ୍ଟା ବିଶିକେଶନ ଟାକ୍ରି, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା, ଜିଲ୍ଲା ସାଧାରଣ ସମ୍ପାଦକ ରବିନ୍ଦ୍ର ଗରଡିଆ, ଶିବ ପ୍ରସ୍କା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଆଗାମୀ ଦିନରେ ଦଳ ଆହୁରି ସଦୃଢ ହେବା ସହ ଆସନ୍ତା ୧୫ ତାରିଖରେ ରାୟଗଡା ଠାରେ ଦଳ ତାର ଶକ୍ତି ପ୍ରଦର୍ଶନ କରିବ ବୋଲି ଜିଲ୍ଲା ସଭାପତି ପୂର୍ଣ୍ଣ ଟାକ୍ରି ସୂଚନା ଦେଇଛନ୍ତି।

# ଲାୟନ୍ସ କ୍ଲବ୍ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ବିଷମ କଟକ,୪।୧(ସମିସ): ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ ରାୟଗଡା ତରଫରୁ ବୃଦ୍ଧ ଓ ବୃଦ୍ଧାଙ୍କୁ ଶୀତ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଚାଟିକଣା ପଞ୍ଚାୟତର ବଡ ମ ଟ କ ବା ଡ଼ି ଗ୍ରାମର ଏକ ଆମ୍ବ ବଗିଚାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋ ଇ ଥି ଲ । । ଲାୟନ୍ସ କ୍ଲବ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାଟିକୋଣ ପଞ୍ଚାୟତର ସରପଞ୍ଚ ପି.କିରନ ଲତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମଞ୍ଚରେ ମଞ୍ଚାସିନ ଅତିଥି ଭାବେ ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନଲ ରାୟଗଡା ଶାଖାର ସଭାପତି ଲାଲ ବିହାରୀ ଲେଙ୍କା, ଏଫଭିଡିଜି ଅଶ୍ୱିନୀ ଦାସ, ଟି.ଜୟରାମ, ଭି.ଭାସ୍କର ରାଓ, ସୁଶ୍ରୀତା ଦାସ, ଡ.ଦୁଃଖିଶ୍ୟାମ ଦାସ, ଅଳକା ଦାଶ, ରମେଶ ଗଲାଣି ଓ ୱେର ବାବୁ ଯୋଗ ଦେଇଥିଲେ। ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ଚାଟିକଣା ପଞ୍ଚାୟତ ପେଡିପଦର, ବଡ଼ ମଟକବାଡ଼ି, ସାନ ମଟକ ବାଡ଼ି, କର୍ଣ୍ଣଗୁଡା, ଲଟାଗୁଡା, ବିର୍ସିଗୁଡା, ମାର୍ଥାଗୁଡା ଗ୍ରାମର ପ୍ରାୟ ୭୫ ଜଣ ବୃଦ୍ଧ ଓ ବୃଦ୍ଧା କାର୍ଯ୍ୟକ୍ରମରେ ଉପସ୍ଥିତି ରହିଥିଲେ। ଉପସ୍ଥିତି ସମସ୍ତ ବରିଷ୍ଠ ନାଗରିକଙ୍କୁ ଲାୟନ୍ସ କ୍ଲବ ୭୫ ଜଣ



ବୃଦ୍ଧଙ୍କୁ ଶୀତ ବସ୍ତ୍ର ସହ ଧୋତି ପ୍ରଦାନ କରାଯାଇ ଥିବା ବେଳେ ବୃଦ୍ଧାଙ୍କୁ ଶୀତ ବସ୍ତ୍ର ଓ ଶାଢ଼ୀ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ମଧ ରାୟଗଡା ଜିଲ୍ଲାର କୋଣ ଅନୁକୋଣରେ ଗରିବ ଶ୍ରେଣୀର ଲୋକଙ୍କ ନିକଟରେ ପହଞ୍ଚି ଖାଦ୍ୟ ଓ ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ରାୟଗଡା ଶାଖା ଲାୟନ୍ସ କ୍ଲବର ସଭାପତି ଲାଲ ବିହାରୀ ଲେଙ୍କା ସୂଚନା ଦେଇଛିନ୍ତି। ଆଜିର ଏହି ବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମକୁ ଅରୁଣ କୁମାର ନାୟକ ଏବଂ ଜଗନ୍ନାଥ ପାଢ଼ୀ ପରିଚାଳନା କରିଥିଲେ।

# ହାଟସରପାଲି-କମୁଗଣ୍ଡା ରାସ୍ତା ବିପଦସଙ୍କୁଳ

ବନ୍ଧୁଗାଁ,୪।୧(ସମିସ): ବନ୍ଧୁଗାଁ ବ୍ଲକ ବଡ଼ସରପାଲି ମୁଖ୍ୟରାସ୍ତାରୁ କମୁଗଣ୍ଡା ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ରହିଛି। ୨୦୧୯ ମସିହାରେ କାର୍ଯ୍ୟନିର୍ବାହୀ ସଂସ୍ଥା ପୂର୍ତ୍ତ ବିଭାଗ ତଦାରଖରେ ଠିକାଦାରଙ୍କ ଦ୍ୱାରା ରାସ୍ତା ନିର୍ମାଣ କରାଯାଇ ଥିଲା। ପ୍ରତିବର୍ଷ ଏହି ରାସ୍ତାର ଆବଶ୍ୟକ ସ୍ଥଳେ ମରାମତି କରିବା ପାଇଁ ଅର୍ଥ ମଧ ରହିଛି। ଏହି ରାସ୍ତା ଦେଇ କାନାଗାଁ, କମୁଗଣ୍ଡା ପଞ୍ଚାୟତ ଓ ପଡୋଶୀ ପଞ୍ଚାୟତର ପ୍ରାୟ ୨୪ ଖଣ୍ଡ ଗ୍ରାମର ଲୋକେ ପ୍ରତି ଦିନ ଯିବା ଆସିବା କରିଥାନ୍ତି। ଚଳିତ ବର୍ଷ ପ୍ରବଳ ବର୍ଷା ହେବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ବର୍ଷା ପାଣି ବୋହି ଚାଲିଥିଲା। ଫଳରେ ବର୍ତ୍ତମାନ ସେହି ରାସ୍ତା ଦେଇ କିଛି ଭାରି ଯାନ ସହିତ ଦୁଇ ଚକିଆ ଯାନ ଯିବା ଯୋଗୁଁ ରାସ୍ତା ଉପରୁ ପିଚୁ ଛାଡ଼ି ମେଟାଲ ଗୁଡିକ ବାହାରକୁ ବାହାରି ଆସିଛି। ରାସ୍ତା ନିର୍ମାଣ ହେବାରୁ ଆଜି ପର୍ଯ୍ୟନ୍ତ ସଠିକ ଭାବେ ରାସ୍ତା ମରାମତି ହୋଇ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ଭାସ୍କର ୱାଟାକା ଅନେକ ଥର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ରାସ୍ତାର ମରାମତି କରାଯାଇ ନାହିଁ। ରାସ୍ତାଟି ଅତି ଶୀଘ୍ର ମରାମତି କରିବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

# ବସନ୍ତ ମହୋତ୍ସବ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଗୁଣପୁର,୪।୧(ସମିସ): ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଅବସରରେ ଗୁଣପୁର କ୍ରୀଡ଼ା ପରିଷଦ ଦ୍ୱାରା ଆୟୋଜିତ ହେବାକୁ ଥିବା ବିଭିନ୍ନ କ୍ରୀଡ଼ା ଓ ଅନ୍ୟ ପ୍ରତିଯୋଗିତା ଗୁଡ଼ିକ ଆଜି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗୁଣପୁର କଲେଜ ଓ ଆୟାରାମ୍ମା ମହିଳା ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରଛାତ୍ରୀ ମାନେ ମଶାଲକୁ ଗ୍ରାମଦେବୀ ମନ୍ଦିରରୁ ସେବା ସମାଜ ପଡ଼ିଆ ଯାଏଁ ଏକ ଶୋଭାଯାତ୍ରାରେ ନେଇଥିଲେ। ଏହି ମେଗା କ୍ରୀଡ଼ା ଉତ୍ସବର ଉଦ୍‌ଘାଟନୀ ଉତ୍ସବରେ ଉତ୍ସବ ପରିଚାଳନା କମିଟିର ସଭାପତି ତଥା ପୂର୍ବତନ ବିଧାୟକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ମମତା ଗୌଡ଼ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝିଲି ଶବର, ଜିଆଇଇଟି ବିଶ୍ୱବିଦ୍ୟାଳୟର ଉପ ସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା, ନବ ନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ବରିଷ୍ଠ ଆଇନଜୀବୀ ଉମା ପଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ମାନେ ପ୍ରଥମେ

### ସମ୍ବର୍ଦ୍ଧିତ ହେଲେ ୯ କ୍ରୀଡ଼ାବିତ୍

କ୍ରୀଡ଼ା ପ୍ରତିଯୋଗିତାରେ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। କ୍ରୀଡା ପରିଷଦର ସମ୍ପାଦକ ସପନ ଦାସ ନିଜ ନିଜର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ଓ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା କ୍ରୀଡାବିତ୍ ଯଥା ମୁନା ଶବର, ଦିଲ୍ଲୀପ କୁମାର ଶବର, ସୁରମିୟା ବଡ଼ ରଇତ, ଦିଲ୍ଲୀପ ମିଣିଆକା, ଅଭିସ୍ପା ନାୟକ, ରାକେଶ ଦିପ୍, ତ୍ରିଶା ପେରିସିକା, ଶୃତି ପେରିସିକା, କାରସିମା ହିମିରିକାଙ୍କୁ କ୍ରିଡା ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ମାନେ ଏହି ଭଳି କାର୍ଯ୍ୟକ୍ରମକୁ ସଫଳତାର ସହ କରି ଆସୁଥିବାରୁ ଗୁଣପୁର ନବ ନିର୍ମାଣ ସମିତିକୁ ସାଧୁବାଦ୍ ଜଣାଇବା ସହ ଏହି କ୍ରୀଡ଼ା ପ୍ରତିଯୋଗିତାର ସଫଳତା କାମନା କରିଥିଲେ। ଆଜି ସେବା ସମାଜ ପଡିଆଠାରେ ଗାଁ କବାଡି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ମିନି ଷ୍ଟାଡିୟମ୍ ଠାରେ ସୋମନାଥ ପାତ୍ର ସ୍ମାରକୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ବଂଶଧାରା କପ ବଳରାମ ପଣ୍ଡା ସ୍ମାରକୀ ଲେଦର ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୧୮ ରୁ ମିନି ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ବେଳେ ବିଭିନ୍ନ ଦିନରେ ବ୍ୟାଡ ମିଣ୍ଟନ , ଭଲିବଲ୍ , ପାୱାର ଲିଫଟିଂ, ସଙ୍ଗୀତ , ନୃତ୍ୟ, ଝୋଟି , ପ୍ରତିଭା ପ୍ରଦର୍ଶନୀ , ଗୀତା ଆବୃତ୍ତି , ସୃଜନୀ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ।ଏହି କାର୍ଯ୍ୟକ୍ରମ ରେ ଆଜି ଉତ୍ସବ ପରିଚାଳନା କମିଟିର ସମ୍ପାଦକ ତଥା ପଞ୍ଚାୟତ ସମିତି ର ଉପାଧ୍ୟକ୍ଷ ଶୁଦର୍ଶନ ଶବର, ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ନବ ନିର୍ମାଣ ସମିତିର ସାଧାରଣ ସମ୍ପାଦକ ରଂଜିତ ପାଢି, ଉତ୍ସବ ପରିଚାଳନା କମିଟିର ଉପ ସଭାପତି ଏସ ବାବା ପ୍ରସାଦ , କାର୍ଯ୍ୟକାରୀ ସଭାପତି କୈଳାସ ଦାସ, ରମେଶ ଲିମା, କାଉନ୍‌ସିଲର ପ୍ରମୋଦ ଦାସ, ସାନ ବାଉରୀ, କମଳାକାନ୍ତ ଖୁଣ୍ଟିଆ, ରାମ ପଣ୍ଡା, ଏଲଟି ସସ୍ମିତା ବାଉରୀ, ଅଧାପିକା ସର୍ମିଳା ସାମନ୍ତରାୟ, ନନ୍ଦିନୀ ପଣ୍ଡା, ସୁନୀଲ ଗୌଡ, କାଳି ଦାସ, ବିଷ୍ଣୁ ପଣ୍ଡା, ବିଟିବି ରାବଣା ମୁର୍ତ୍ତୀ, ଆଡିଆ ଶବର, ଜୟଦେବ ପଣ୍ଡା, ଲକ୍ଷ୍ମୀ ମହାଙ୍କୁଡ, ଲାଲୁ କର, ରବି କୁମାର, ଶିବା ଡାକୁଆ, ତରୁଣ କାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ନବ ନିର୍ମାଣ ସମିତିର ଉପ ସଭାପତି ଉମା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଗୌରବ ପ୍ରଦାନ କାର୍ଯ୍ୟକ୍ରମର ସଂଯୋଜନା ସୁନୀଲ ଗୌଡ କରିଥିଲେ ଓ ଆବାହକ ରାଜେଶ ପାଢି ଧନ୍ୟବାଦ ଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିଲେ।

## ପ୍ରାଚୀର ପତ୍ରିକା, ଜ୍ଞାନ କାନ୍ଥ ଉନ୍ମୋଚିତ



ଖଇରପୁଟ,୪।୧(ସମିସ): ଶିକ୍ଷା ସହ ପରିବେଶ, ସଂସ୍କାର ଓ ସଚେତନତାର ବାର୍ତ୍ତା ଦେଇ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅଧିନସ୍ଥ ମୁଣ୍ଡିଗୁଡା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରାଚୀର ପତ୍ରିକା ଓ ଜ୍ଞାନ କାନ୍ଥ ଉନ୍ମୋଚିତ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ସିଆରସିସି ରଞ୍ଜିତ କୁମାର ଦାସ, ନିହାର ରଞ୍ଜନ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରାମସିଂ ଖରା ଏହାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ, ନୀତି ଓ ସୃଜନଶୀଳତାରେ ଆଗେଇ ଯିବାକୁ ଆହ୍ୱାନ ଜଣାଇଥିଲେ। ଜ୍ଞାନ କାନ୍ଥରେ ସାଧାରଣ ଜ୍ଞାନ, ବିଜ୍ଞାନ, ପରିବେଶ ସଚେତନତା ଓ ନୀତିବାକ୍ୟ ସମ୍ବଳିତ ତଥ୍ୟ ପ୍ରଦର୍ଶିତ ହୋଇଥିବାବେଳେ ପ୍ରାଚୀର ପତ୍ରିକାରେ ଛାତ୍ରଛାତ୍ରୀଙ୍କ ଲେଖା ଓ ଚିତ୍ରକଳା ସ୍ଥାନ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଛି ବୋଲି କହିଥିଲେ।

## ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ମାତୃ ବିୟୋଗ



କୋରାପୁଟ/ବନ୍ଧୁଗାଁ, ୪।୧(ସମିସ): ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ତଥା କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସସ୍ମିତା ମେଲେକାଙ୍କ ମାଆ ଆଦାମା ମେଲେକାଙ୍କର ୭୦ ବର୍ଷ ବୟସରେ ବନ୍ଧୁଗାଁ ବ୍ଲକ କମୋଗଣ୍ଡା ପଞ୍ଚାୟତ ସଦର ସ୍ଥିତ ନିଜ ବାସ ଭବନରେ ପରଲୋକ ହୋଇଛି। ଗାଁରେ ଘର ଥିଲେ ମଧ୍ୟ ସେ ଅନେକ ସମୟରେ ଘରୁ ଅଧା କିମି ଦୂରରେ ଥିବା ନିଜ ଜମିରେ କୁଡ଼ିଆ ଘର କରି ଶାନ୍ତ ପରିବେଶ ମଧ୍ୟରେ ରହି ଆସୁଥିଲେ। ବିଜେଡି ଜିଲ୍ଲା ସଭାପତି ଝିନ ହିକ୍‌କା, ତାଙ୍କ ସହ ଧର୍ମଣୀ କୌଶଲ୍ୟା ହିକକା, ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, କୋରାପୁଟ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ପୂର୍ବତନ ବିଧାୟକ ରଘୁରାମ ପାଡ଼ାଲ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉନ୍ତା, ବନ୍ଧୁଗାଁ ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ମାଝୀ ହିମିରିକାଙ୍କ ସହ ବିଭିନ୍ନ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ, ବିଜେଡି ନେତ୍ରୀ ଆଶ୍ରିତା ଲାକ୍ରା, ବିଜେଡି ଜୋନାଲ ସଭାନେତ୍ରୀ ଲତା ରାୟ, କୋରାପୁଟ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ଗଂଜନ ସେଠୀ, ଲକ୍ଷ୍ମୀପୁର ପୂର୍ବତନ ବିଧାୟକ ପ୍ରଭୁ ଜାନୀ,କୋରାପୁଟ କାଉନସିଲର କାଦମ୍ବିନୀ ସେଠୀ, ପଦ୍ମା ମୁଦୁଲି, ଲିଲି ବୁରୁଡ଼ି, ସୁଭଦ୍ରା, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ମିଣ୍ୟାକା, ଠିକାଦାର ମନୋଜ ନାୟକ, ସରପଞ୍ଚ ଲକ୍ଷ୍ମୀ କାଡ୍ରାକା, ଗୌରୀ ମେଲେକା, ଶେଖର କଣ୍ଡାଗରି ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ସମ୍ପର୍କୀୟ ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା।

### ଶିକ୍ଷୟିତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ବାପଘର, ସ୍ୱାମୀ ଅଟକ

ଉମରକୋଟ,୪।୧(ସମିସ): ଶାଶୂଘରେ ଝିଅର ମୃତ୍ୟୁକୁ ନେଇ ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ। ନିଜ ରୁମରେ ଫ୍ୟାନ୍‌ରେ ଶାଢୀରେ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ପୂର୍ବରୁ ଝିଅକୁ ଯୌତୁକ ବାବଦକୁ କାର ପାଇଁ ମାନସିକ ନିର୍ଯାତନା ଦେଉଥିଲେ ବୋଲି ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି ବାପା। ଅଭିଯୋଗକୁ ଆଧାର କରି ମୃତ ଝିଅର ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି ପୁଲିସ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଡିଏନକେ ଠାରେ। ସୂଚନା ଅନୁଯାୟୀ, କାବୁଲ ଚାନ୍ଦଙ୍କ ସାନପୁଅ ଅନୁପମ ଚାନ୍ଦ ୧୫।୭।୨୦୨୪ ତାରିଖ ଦିନ ବଙ୍ଗୀୟ ରୀତି ନୀତି ଅନୁସାରେ ରାଇଘର ନିକଟସ୍ଥ ପାରୁଆ ଗ୍ରାମ ପଞ୍ଚାୟତର ଛତାବେଡା ଗ୍ରାମର ପ୍ରଭାସ କୁମାର ମିସ୍ତ୍ରୀଙ୍କ ଝିଅ ସଞ୍ଜନା ମିସ୍ତ୍ରୀ (୨୫) ସହ ବିବାହ ଅନୁଷ୍ଠିତ ହୋଇଥିଲା। ଅଞ୍ଜନା ପେସାରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ।ବାହା ହେବା ଦଶ ଦିନ ପରେ ପୁଅ ଅନୁପମଙ୍କ ପରିବାରର ସମସ୍ତ ସଦସ୍ୟ ଓ ମାଉସୀ ଝିଅକୁ ଯୌତୁକ ନିମନ୍ତେ ମାନସିକ ନିର୍ଯାତନା ଦେଉଥିବା କଥା ଝିଅ ନିଜ ପରିବାର ଲୋକଙ୍କୁ ଜଣାଇଥିଲେ। କିନ୍ତୁ ଝିଅ ଏହାକୁ ସହ୍ୟ କରି ଆସୁଥିଲେ। ଯୌତୁକ ଘଟଣାକୁ ନେଇ ଶଶୁର ଘର ଲୋକେ ନିର୍ଯାତନା ଦେଉଛନ୍ତି ଓ ମୋତେ ଜୀବନରେ ମାରିଦେବେ ବୋଲି କହି ଗତକାଲି ରାତିରେ ଝିଅ ନିଜ ଦାଦାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ ଏବଂ ଏଠାରୁ ମୋତେ ନେଇଯାଅ ବୋଲି ଜଣାଇଥିଲେ,। ଝିଅର କଥା ଶୁଣି ବାପଘର ଲୋକେ ଆଜି ଘଟଣାର ସମାଧାନ



ପାଇଁ ଅସିଥାନ୍ତେ । କିନ୍ତୁ ଝିଅ ଆଜି ସକାଳ ୮ଟା ସମୟରେ ଝିଅ ନିଜ ରୁମରେ ଥିବା ଫ୍ୟାନରେ ଶାଢୀ ସାହାଯ୍ୟରେ ଆତ୍ମହତ୍ୟା କରିଛି କହି ଝିଅର ଶାଶୂ ଘର ଲୋକେ ଖବର ଦେଲେ ବୋଲି କହିଛନ୍ତି ଝିଅ ର ବାପା। ଝିଅ ଆତ୍ମହତ୍ୟା କରିନାହିଁ, ପରିବାର ଲୋକେ ମିଶିକି ଝିଅକୁ ନିର୍ଯାତନା ଦେଇ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପଟେ ଘଟଣାକୁ ନେଇ ଶଶୁର କାବୁଲ ଚାନ୍ଦ ନିର୍ଯାତନା କଥାକୁ ଖଣ୍ଡନ କରିଛନ୍ତି । ତାକୁ ଆମେ ଝିଅ ଭଳି ରଖିଥିଲୁ, କାର କଣ ଆବଶ୍ୟକ ଘରେ କାର ଅଛି ବୋଲି କହିଛନ୍ତି। ପୁଅ ଓ ବୋହୂ ଭିତରେ ସମ୍ପର୍କ ଭଲ ଥିଲା । କିନ୍ତୁ କେଉଁ କାରଣ ପାଇଁ ଆତ୍ମହତ୍ୟା କରିଛନ୍ତି ଜାଣିନାହୁଁ ବୋଲି କହିଛନ୍ତି ମୃତ ଝିଅର ଶଶୁର। ଘଟଣାକୁ ନେଇ ପୋଲିସ ପକ୍ଷରୁ ୦୨/୨୬ ରେ କେଶ ରୁଜୁ କରି ତଦନ୍ତ ଚାଲିଛି । ନବରଙ୍ଗପୁର ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଛେଦ ପରେ ଡିଏନକେ ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବକୋଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ଉମରକୋଟ, ୪।୧ (ସମିସ): ସ୍ଥାନୀୟ ବ୍ଲକ୍ ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ମୁଖ୍ୟ ବକ୍ତା ଭାବେ



ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ବରେଣ୍ୟ ଅତିଥି ଭାବେ ଚିତ୍ତ ରଞ୍ଜନ ପଟ୍ଟନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିଆ ପୂଜାରୀ ପ୍ରମୁଖ ମଞ୍ଚାସୀନ ହୋଇଥିବା ବେଳେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ମାର୍ଟ ଗ୍ରାମ , ଭବିଷ୍ୟତର ଶ୍ରେଣୀ ଗୃହ, ବିଭିନ୍ନ ପ୍ରକାରର ଶକ୍ତି ଇତ୍ୟାଦି ବିଷୟରେ ପ୍ରକଳ୍ପ ସହ ବର୍ଜ୍ୟ ବସ୍ତୁ ବ୍ୟବହାର କରି ଅନେକ ସାମଗ୍ରୀ ପ୍ରସ୍ତୁତ କରି ଥିଲେ। ଏଥିସହ ଅନୁଷ୍ଠାନ ର ଥିବା ସାହିତ୍ୟ ସୃଜନୀ, ଜିଜ୍ଞାସା, କ୍ରୀଡ଼ାଙ୍ଗନ ଓ କୋଶଳୀ କ୍ଲବ ର ପ୍ରକଳ୍ପ ଗୁଡ଼ିକ ଓ ଅନେକ ଦୋକାନ ବଜାର ଖୋଲାଯାଇଥିଲା। ଏହି ଦୋକାନ ବଜାରରେ ଛାତ୍ର ଓ ଛାତ୍ରୀ ବିଭିନ୍ନ ସାମଗ୍ରୀ ବିକ୍ରି କରିଥଲେ। ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ଅତିଥି ଭାବେ ସାଂସଦ ପ୍ରତିନିଧି ଶ୍ରୀ ରାମ ନାୟକ, ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ସୁଶୀଳା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ଚନ୍ଦନ ରାୟ , ସମାଜସେବୀ ଶ୍ରୀ ରମେଶ ସାହୁ, ମନ୍ତ୍ରୀ ପ୍ରତିନିଧି ଶ୍ରୀ ଆଶୋକ କୁମାର ପାଢ଼ୀ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଡାଳିମ୍ବ ଭତ୍ରା, ସମିତି ସଭ୍ୟ ଶ୍ରୀମତୀ ଜାନକୀ ଭତ୍ରା ,ପରିଚାଳନା ସଭାପତି ଘାସିଆ ପୁଜାରୀ ପ୍ରମୁଖ ମଞ୍ଚାସିନ ହୋଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଈଶ୍ୱର ଚନ୍ଦ୍ର ମାଝୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଅଧାପିକା ଚନ୍ଦନା ମଲ୍ଲିକ। ଅନୁଷ୍ଠାନର ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଶିକ୍ଷକ ନରେନ୍ଦ୍ର ହରିଜନ, ଶଚିଦାନନ୍ଦ ମହାପାତ୍ର, ଉତ୍ତମ ଦାସ, କରୁଣାକର ମାଝୀ, ଶିବଶଙ୍କର ପତି, ସୁଧାଂଶୁ ଶେଖର ସାହୁ, ଦେବ କୁମାର ଦେ, ଏମ୍‌ଡି ସର୍ଫରାଜ, ମାନସ ସାହୁ, ଅଞ୍ଜନ ମଣ୍ଡଳ, କୋଲିନ ଦାସ, ଅପର୍ଣ୍ଣା ଗୁରୁ, ସାଗରିକା ବୈଦ୍ୟ, ସଂଜିତ୍ ସ୍ୱାଇଁ, ଦୈମନ ଭତ୍ରା, ଜନ୍ମେଜୟ ପ୍ରସାଦ ସାହୁ, କରୁଣା କର ମାଝୀ, ନିଖିଲ ଚନ୍ଦ୍ର ବିଶ୍ୱାସ, ପ୍ରଦୀପ ରାଉତ ଓ ପରିଚାଳନା କମିଟିର ସଦସ୍ୟ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଭୂମିପୂଜା

କୋଟପାଡ଼,୪।୧(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ଢ଼ାମଣାହାଣ୍ଡି ଏବଂ ଗିର୍ଲା ସଦର ମହକୁମାଠାରେ ନୂତନ ଗ୍ରାମପଞ୍ଚାୟତ କାର୍ଯାଳୟ ନିର୍ମାଣ ପାଇଁ ଶୁକ୍ରବାର ଭୂମି ପୂଜା ସ୍ଥାନୀୟ ବିଧାୟକ ରୁପୁ ଭତରାଙ୍କ କରକମଳରେ ହୋଇଯାଇଛି। ଉକ୍ତ କୋଠାର ଅଟକଳ ମୂଲ୍ୟ ୩୫ଲକ୍ଷ ବୋଲି ଜଣାପଡ଼ିଛି। ଏନଆରଇଜିଏ ଏସଏଫସି ଏବଂ ରାଷ୍ଟ୍ରୀୟ ଗ୍ରାମସ୍ୱରାଜ ଅଭିଯାନ ଯୋଜନାରେ ନିର୍ମାଣ ହେବାକୁ ଥିବା ଏହି କୋଠା ଭୂମି ପୂଜାରେ ସାଂସଦ ପ୍ରତିନିଧି ରମେଶ୍ୱର ଜେନା, ତହସିଲଦାର ଟ୍ୱିଙ୍କିଲ ସେଠୀ, ସହକାରୀ ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଇ ପ୍ରସାଦ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଶ୍ୟାମଘନ କିସାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ନାୟକ, ବ୍ଲକ ଉପାଧ୍ୟକ୍ଷ ତପନ ପାଣିଗ୍ରାହୀ, ବିଜେଡି ବରିଷ୍ଠ ନେତା ମହମ୍ମଦ ସଲିମ, ମୁନା ମହାନ୍ତିଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ଥଲେ।

## ଡ.ରାଜେଶ ପାଢ଼ୀ ସମ୍ମାନିତ



ରାୟଗଡା,୪।୧(ସମିସ) : ରାୟଗଡ଼ା ସହର ସ୍ଥିତ ସ୍ୱରାନୀରାଜନମ ଗାୟକ ଗୃପ ତରଫରୁ ସ୍ଥାନୀୟ ଏକ ହୋଟେଲର ସମ୍ମିଳନୀ କକ୍ଷରେ ସଂସ୍ଥାର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ୱରାନୀରାଜନମ ଗାୟକ ଗୃପର ସଭାନେତ୍ରୀ ବି.ଏଚ ଲକ୍ଷ୍ମୀସାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେଞ୍ଚୁରିଆନ ୟୁନିଭରସିଟିର ନିର୍ଦ୍ଦେଶକ ଡ ରାଜେଶ କୁମାର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରାଜ ଭବନ ହୋଟେଲର ପରିଚାଳନା ନିର୍ଦ୍ଦେଶକ ଜିଡି ଚୌଧୁରୀ, ମଦର୍ସ ଟେରେସା ଏଜୁକେସନାଲ ଟ୍ରଷ୍ଟର ମୁଖ୍ୟ ବି ଶଙ୍କର ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାୟଗଡା ସହରରେ ରହୁଥିବା ଗାୟକ ଏବଂ ଆନ୍ଧ୍ର ପ୍ରଦେଶରେ ରହୁଥିବା ପ୍ରଫେସନାଲ ଗାୟକ ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ସେଞ୍ଚୁରିଆନ ୟନିଭରସିଟିର ନିର୍ଦ୍ଦେଶକ ଡ ରାଜେଶ ପାଢ଼ୀ ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସଂଗଠନର ସଂପାଦକ ବିଭିଆର ପଟନାୟକ, ଭେଙ୍କେଟେଶ୍ୱରଲୁ, ରମଣା ରାଓ,ଜନାର୍ଦ୍ଦନ ରାଓ,ଲକ୍ଷ୍ମୀନାରାୟଣ ସାସ୍ତ୍ରୀ ,ବିଜୟ ଦୁର୍ଗା,ନିର୍ମଳା କୁମାରୀ, ମାଧବୀ,କେ ଗେ?ରୀ ପ୍ରସାଦ,ଜି ନାଗେଶ୍ୱର ରାଓ,ଇପିଲି ଶିବ କେଶ୍ୱର ରାଓ.କେ୍ ଏସ ରାଜୁ ଗଣେଶ,ବି. ଏଚ ନାଗରାଜୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ରହି ପରିଚାଳନା କରିଥିଲେ।

## ନାରାୟଣପଟଣା ସାମ୍ବାଦିକଙ୍କ ବନ୍ଧୁମିଳନ



ନାରାୟଣପାଟଣା,୪।୧(ସମିସ): ଆଜି ନାରାୟଣପାଟଣା ପ୍ରେସ୍ କ୍ଲବର ସଦସ୍ୟଙ୍କ ପରିବାରକୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଫରେଷ୍ଟ ନର୍ସରୀ ପରିସରରେ ଆୟୋଜନ ହୋଇଥିଲା। ବ୍ଲକରେ କାର୍ଯ୍ୟରତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ପିଲା ଛୁଆ ସହଧର୍ମିଣୀଙ୍କୁ ନେଇ ନାଚଗୀତର ଆସର ହୋଇଥିଲା।ସଙ୍ଗୀତର ତାଳେ ତାଳେ ବଣଭୋଜିର ମଜା ନେଇଥିଲେ ସମସ୍ତେ। ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ଲକର ବିକାଶରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ। ସବୁ ଗଣମାଧ୍ୟମ ଭାଇଚାରା ବଜାୟ ରଖିବା ସହ ସତ୍ୟ ନିର୍ଭୀକ ନିରପେକ୍ଷ ଖବର ପ୍ରସାରଣ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦିଲୀପ ଦାସ ,ଗିରିଧର ଖରା ,ଏନ୍ ସନ୍ତୋଷ କୁମାର ,ପି ଧର୍ମାରାଜୁ, କେ ଶାୟାରାଜୁ, ପି ଗୋବିନ୍ଦ ରାଜୁ ସୁବୁଦ୍ଧି, ଅନୀଲ ସୁବୁଦ୍ଧି, ଅଶୋକ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ପରଚିପାରାରେ ଗିରି ଗୋବର୍ଦ୍ଧନ ପୂଜା



ରାଇଘର, ୪।୧(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ପରଚିପାରା ପଞ୍ଚାୟତ ସଦର ମହକୁମା ଠାରେ ଗିରି ଗୋବର୍ଦ୍ଧନ ପୂଜା ତଥା ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସମସ୍ତ ଗୌଡ଼ ସମ୍ପ୍ରଦାୟର ଲୋକ ବହୁ ସଂଖ୍ୟାରେ ଏହି ଉତ୍ସବରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ନିଜ ଜାତିର ରୀତିନୀତି ଅନୁସାରେ ପୂଜାକାର୍ଯ୍ୟ ସମ୍ପାଦନ କରିବା ସହିତ ସମସ୍ତେ ପାରମ୍ପରିକ ବସ୍ତ୍ରରେ ଥିବା ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ବ୍ଲକ ସଭାପତି ଧନୁରାମ ରାଉତଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା ।ସମ୍ପାଦକ ହେମଲାଲ ରାଉତ ଓ କୋଷାଧ୍ୟକ୍ଷ କୃପା ରାଉତଙ୍କ ସମେତ ବ୍ଲକର ସମସ୍ତ ଗୌଡ଼ ସମ୍ପ୍ରଦାୟର ଲୋକ ଉପସ୍ଥିତ ଥଇଲେ। ବୈଠକରେ ନିଜ ଜାତିର ରୀତିନୀତି, ପରମ୍ପରା, ଚଳଣି ଓ କଳା ସଂସ୍କୃତି ଉପରେ ବିଷଦ ଭାବେ ଆଲୋଚନା କରାଯିବା ସହିତ ସହିଦ ବାଜି ରାଉତଙ୍କ ପ୍ରସଙ୍ଗ ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ବାଳକ ବାଜି ରାଉତ ମାତ୍ର ୧୨ବର୍ଷ ବୟସରେ ଦେଶ ପାଇଁ ଶହୀଦ ହୋଇଥିଲେ ହେଁ ସରକାର ତାଙ୍କର ଏହି ବଳିଦାନକୁ ଗଣ୍ୟ ଭାବି ତାଙ୍କ ସ୍ମୃତିରେ କିଛି ବି କରିନଥିବାରୁ ଉପସ୍ଥିତ ବୁଦ୍ଧିଜୀବୀମାନେ ଦୁଃଖ ପ୍ରକାଶ କରିଥିଲେ । ତତ ସହିତ ପରଚିପାରା ଠାରେ ଗୌଡ଼ ସମ୍ପ୍ରଦାୟର ଜନସାଧାରଣଙ୍କ ପାଇଁ ଏକ କୃଷ୍ଣ ମନ୍ଦିର ନିର୍ମାଣ ଚାଲିଛି, ହେଲେ ପ୍ରଶାସନ ପକ୍ଷରୁ କିଛି ବି ଆର୍ଥିକ ସହାୟତା ଦେଇନଥିବା ସମାଜର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଥିଲେ । ଯଦି ମନ୍ଦିର ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ କିଛି ଆର୍ଥିକ ସହାୟତା ମିଳନ୍ତା ତେବେ ଆମେ ଗୌଡ଼ ସମାଜ ପ୍ରଶାସନ ଠାରୁ ଉପକୃତ ହୁଅନ୍ତେ ବୋଲି ବରିଷ୍ଠ ବ୍ୟକ୍ତି ମାନେ ମତ ଦେଇଥିଲେ।

## ବିଦ୍ୟାଳୟରେ ପ୍ରାଚୀର ପତ୍ରିକା ସହ ଜ୍ଞାନକାନ୍ଥ

ମାଲକାନଗିରି, ୪।୧(ସମିସ): ମାଲକାନଗିରି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ପ୍ରତ୍ୟେକ ମାସର ପ୍ରଥମ ଶନିବାର ଦିନ ପ୍ରାଚୀର ପତ୍ରିକା ଡିସେମ୍ବର ୨୦୨୫ରୁ ସଫଳତାର ସହ ଆରମ୍ଭ ହୋଇଥିଲା । ଯେଉଁଥିରେ ପିଲାଙ୍କ ସାହିତ୍ୟ ସୃଜନୀ ଲୋକ ଲୋଚନକୁ ଆସିଥିଲା। ସେହିକ୍ରମରେ ପିଲାଙ୍କ ସାଧାରଣ ଜ୍ଞାନ ବୃଦ୍ଧି ଓ ଆଞ୍ଚଳିକ ତଥ୍ୟ ସହ ପରିଚୟର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ନୂଆ ବର୍ଷରେ ନୂତନ ପ୍ରୟାସ



'ଜ୍ଞାନକାନ୍ଥ' ଆରମ୍ଭ ହୋଇଯାଇଅଛି। ଶୁଭାରମ୍ଭ କାଲିମେଲା ବ୍ଲକର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ,ଏମ୍‌ପିଭି-୬୫ ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ୍‌ପିଭି -୮୧ ଠାରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ , ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ , ଭାଗୀରଥି ବେହେରା, କାଲିମେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବରୋଇ,,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକ ,ସିଆରସିସି ମାନସ ରଞ୍ଜନ ନାୟକ,କୃତିବାସ ସାମନ୍ତରା ପ୍ରମୁଖଙ୍କ ସହ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ୍‌ପିଭି ୬୫ ବିଦ୍ୟାଳୟର ପରିଚାଳନା ସଦସ୍ୟ ବିଷ୍ଣୁ ମଣ୍ଡଳ ସହ ପ୍ରଧାନ ଶିକ୍ଷକ କୃଷ୍ଣ ଚାଲାଣ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ଏବଂ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ ପି ଭି ୮୧ ର ସଭାପତି କ୍ରିଷ୍ଣକାନ୍ତ ମଣ୍ଡଳ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଶ ସମୀର ମିସ୍ତ୍ରୀ ଓ ବିଦ୍ୟାଳୟ କମିଟି ର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜ୍ଞାନ କାନ୍ଥ ନେଇ ଶିକ୍ଷା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ମାର୍ଗଦର୍ଶିକା ପ୍ରକାଶିତ ହେବ ବୋଲି ଜିଲ୍ଲା ଶିକ୍ଷା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରାଙ୍କ ଠାରୁ ସୂଚନା ମିଳିଛି।

## ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପିତ

ରାୟଗଡ଼ା, ୪।୧(ସମିସ): ସ୍ଥାନୀୟ ଜିସିଡ଼ି ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ଦୁଇଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଉଦ୍‌ଯାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଜିଲ୍ଲା ପରିଷଦ ସୁଶ୍ରୀ ସରସ୍ୱତୀ ମାଝୀ ଯୋଗ ଦେଇ ସମବେତ ଚାଷୀମାନଙ୍କୁ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷ ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଯୋଗ ଦେଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଦିଆଯାଉଥିବା ରିହାତି ସୁବିଧା ନେବା ପାଇଁ ଚାଷୀଙ୍କୁ ଆହ୍ୱାନ କରିବା ସହ ସାର୍ଟିଫିକେଟ୍ ବିତରଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ,ସିଡିଭିଓ ଡ. ମୃଣ୍ମୟ କୁମାର ପଣ୍ଡା, ଡେପୁଟି ଡାଇରେକ୍ଟର (ମତ୍ସ୍ୟ) ଜିତେନ୍ଦ୍ର ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ବୈଜ୍ଞାନିକ ଡ.ବିରଞ୍ଚି ନାରାୟଣ ମିଶ୍ର, ଉପନିର୍ଦ୍ଦେଶକ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ଅଶୋକ କୁମାର ବେହେରା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡା , ସଂସାଧକ ଅଶ୍ୱିନୀ କୁମାର ବିଶ୍ୱାଳ, ସହକାରୀ ମତ୍ସ୍ୟ ଅଧିକାରୀ, ଚନ୍ଦ୍ରଭାଗା, କୋଣାର୍କ ପ୍ରିତମ କୁମାର ତ୍ରିପାଠୀ, ସହକାରୀ ପ୍ରଧାପକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି ଯୋଗଦେଇ ମତ୍ସ୍ୟ ଚାଷ, ଗୋ-ପାଳନ ଓ ମିଶ୍ରିତ ଚାଷର ଲାଭ ନେବାକୁ ବକ୍ତବ୍ୟ ଦେଇଥିଲେ। କୋଲନରାର ଉତ୍କୃଷ୍ଟ ଚାଷୀ କୋଦରୁ ଇଶାକା,ଗୁଡ଼ାରୀର ମତ୍ସ୍ୟ ଚାଷୀ ଆରାଧ ଜାଗେରାଙ୍ଗା ଏବଂ ପଦ୍ମପୁର ଓ କାଶୀପୁର ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀକୁ ଚାଷ ପାଇଁ ମାନଙ୍କୁ ୫,୦୦୦ ଟଙ୍କାର ଚେକ ସହ ସାର୍ଟିଫିକେଟ୍ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।



ଏହି ଦୁଇଦିନିଆ ମେଳକ୍ଷରେ ଗୁଣୁପୁର, ପଦ୍ମପୁର, ରାମନାଗୁଡ଼ା, କୋଲନରକ୍ଷ ଓ ମୁନିଗୁଡା ବ୍ଲକର ବହୁ ଚାଷୀ ମାନେ ଯୋଗଦାନ କରିଥିଲେ। ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀ, ଗୋ ଚାଷୀ, ଛେଳି କୁକୁଡ଼ା, ଘୁଷୁରୀ, ମତ୍ସ୍ୟ ଚାଷୀ ପ୍ରଦର୍ଶନୀ ମଣ୍ଡପ ଗୁଡିକରେ ପ୍ରଦର୍ଶିତ କରିଥିଲେ। ଉତ୍ତମ ବିହନ ସମ୍ବନ୍ଧରେ ଚାଷୀମାନଙ୍କୁ ବୁଝାଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉତ୍ତମ କୁମାର ଦାସ ସଂଯୋଜନା କରିଥିଲେ।

## ପୁଷ୍‌ପୁନେଇଁ ଭେଟ୍‌ଘାଟ ଉଦ୍‌ଯାପିତ

କୋଟପାଡ଼, ୪।୧ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଅଞ୍ଚଳରେ ଶନିବାର ଦିନ ପୁରୁଣା ତହସିଲ ପଡିଆରେ ଦମୟନ୍ତୀ ମହୋତ୍ସବ ପୁଷପୁନେଇଁ ଭେଟଘାଟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ରୂପୁ ଭତ୍ରା, କଂଗ୍ରେସ



ବିଧାୟକ ପ୍ରାର୍ଥୀ ଅନାମ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ଏନଏସି ଅଧ୍ୟକ୍ଷ ଏମ ଶଙ୍କର ରାଓ, କମିଟି ସଭାପତି ଗଣେଶ ପଣ୍ଡା, ସୁଧୀର ମହାନ୍ତି, ଗୋପୀ ବିଶୋଇ, ସରୋଜ ପଟନାୟକ, ବାଲାଜୀ ନାୟକ, ଉଦ୍‌ଘୋଷକ ଜୟନ୍ତ ପଟ୍ଟନାୟକ, ସମ୍ପାଦକ ହେମନ୍ତ ପାତ୍ର ଏବଂ କୋଟପାଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଙ୍କ ଉପସ୍ଥିତିରେ ଉଦ୍‌ଯାପିତ ହେଇଥିଲା। ଦୁଇ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ କଳାକାରମାନେ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଏହା ସହ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ପୁଷ ପୁନେଇ ମଞ୍ଚରେ ସଂଗୀତ ଓ ନୃତ୍ୟ କଳା ପ୍ରଦର୍ଶନ କରିଥିଲେ। ପୌଷ ପୂର୍ଣ୍ଣିମା ସମୟରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଆଦିବାସୀ ମାନଙ୍କର ଏକ ଲୋକକଳା ରୂପେ ପରିଚିତ ହୋଇଥିବା ବେଳେ ଏହା ଦିନକୁ ଦିନ ଲୋପ ପାଇବାରେ ଲାଗିଛି । ଏହି ଅଞ୍ଚଳରେ ଧାନ କଟା ସହ ଧାନ ମଳା ହେବାପରେ ଟିକିଏ ଖୁସି ମନାଇବା ସକାଶେ ଏହି ପର୍ବ ପାଳନ କରି ଆଦିବାସୀ ଭାଷାରେ "ଚେର ଛେର ଅଇଁ ଅଇଁ' ବୋଲି ପୁରୁଷ ମାନେ କହୁଥିବା ସମୟରେ ସନ୍ଧ୍ୟା ବେଳେ ଆଦିବାସୀ ଗୃହିଣୀ ମାନେ ଏକ ବାଉଁଶ ତିଆରି ଟାଙ୍ଗୁଡ଼ି ଧରି ଦଳଗତ ହେଇ ଚାଷ ଜମି ମାଲିକଙ୍କ ଘରେ ଯାଇ "ପୁନିଆ କୁଣିଆ ମୁଟେକ୍ ଚାଉଳ ଦିଆ, ଦେଲେ ଦିଆ ନହେଲେ ନାଇଁ ଆମର ଗରକେ ଯିବୁରେ' ବୋଲି ଗୀତ ଗାଇ ପାଉଣା ଆଦାୟ କରିଥାନ୍ତି । ବର୍ତ୍ତମାନ ଏହା ଆଉ ଦେଖିବାକୁ ମିଳୁ ନାହିଁ । ତେଣେ ଉକ୍ତ ପରବ ପୁର୍ନଜୀବିତ କରିବା ସକାଶେ ଏହି ଦମୟନ୍ତୀ ମହୋତ୍ସବ କମିଟି ପୁଷପୂର୍ଣ୍ଣମିକା କମିଟି ଚେଷ୍ଟା ଆରମ୍ଭ କରିଛି। ଏହାକୁ ବିଭିନ୍ନ ସାଂସ୍କୃତିକ କମିଟି ସ୍ୱାଗତ କରିଥିବା ବେଳେ ଆଗକୁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଲୋକେ ପୂର୍ଣ୍ଣ ସମର୍ଥନ କରିବେ ମତ ପ୍ରକାଶ ପାଇଛି।

### ରାୟଗଡ଼ା ଜିଲ୍ଲା ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ

# ଦାବିକୁ ଅଣଦେଖା କଲେ ହେବ ବିଶାଳ ସମାବେଶ: ରାଜ୍ୟ ସଭାପତି

ରାୟଗଡା,୪।୧(ସମିସ): ରାୟଗଡ଼ା ଜିଲ୍ଲା ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ ଆଜି ସ୍ଥାନୀୟ କୋରାପୁଟ ଛକ ସେବା ସମାଜ ପ୍ରାଙ୍ଗଣରେ ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ମଦନ ମୋହନ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦିକ୍ଷୀତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ଜିଲ୍ଲା ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ରାଜ୍ୟ ଉପସଭାପତି ରଞ୍ଜନ ରଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ରାୟଗଡ଼ା ଜିଲ୍ଲାର ୧୧ଟି ବ୍ଲକ ସଂଗଠନର ଶତାଧିକ କର୍ମକର୍ତ୍ତା ଯୋଗଦେଇ କିଭଳି ବ୍ଲକ ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ




ସଂଗଠନ ସୁଦୃଢ଼ କରାଯିବ ସେ ନେଇ ଆଲୋଚନାରେ ଭାଗ ନେଇ ମତ ବ୍ୟକ୍ତ କରିଥିଲେ। ଅତିଶୀଘ୍ର ନିର୍ମାଣ ହେବ ରାଜ୍ୟ ବ୍ରାହ୍ମଣ କଲ୍ୟାଣ ମଣ୍ଡପ ଏବଂ ଏହି ବ୍ରାହ୍ମଣ କଲ୍ୟାଣ ନିଗମ ଦାବିକୁ ସରକାର ଅଣଦେଖା କଲେ ହେବ ବିଶାଳ ବ୍ରାହ୍ମଣ ସମାବେଶ ବୋଲି ବୈଠକରେ ରାଜ୍ୟ ସଭାପତି ଡ଼ଃ ସଦାନନ୍ଦ ଦୀକ୍ଷିତ ବକ୍ତବ୍ୟ ରଖିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବ୍ରାହ୍ମଣ ସମାଜ ତରଫରୁ ଅବସରପ୍ରାପ୍ତ ସଂସ୍କୃତ ପଣ୍ଡିତ ମଙ୍ଗୁଳୁ ଚରଣ ତ୍ରିପାଠୀ, ରାୟଗଡ, ସଂଜୟ ସାହୁ, ଗୁଣପୁର, ପୁରୋହିତ ଅନନ୍ତ ଚରଣ ରଥ,ରାୟଗଡ, ଅବସର ପ୍ରାପ୍ତ ପ୍ରଫେସର କାମାକ୍ଷା ପ୍ରସାଦ ଦାସ, ରାୟଗଡ଼, ଶ୍ୟାମ ସୁନ୍ଦର ସାହୁ ,ପଦ୍ମପୁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଜିଲ୍ଲା ବ୍ରାହ୍ମଣ ସମାଜ ତରଫରୁ ପ୍ରସ୍ତୁତ କ୍ୟାଲେଣ୍ଡର ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯିବା ସହ କ୍ୟାଲେଣ୍ଡର ନିମନ୍ତେ ପୃଷ୍ଠପୋଷକତା କରୁଥିବା ବଦାନ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଟିକିରି ଶକ୍ତି ବାହିନୀ ଏବଂ ରାମକୃଷ୍ଣ ନଗର ଶକ୍ତି ବାହିନୀର ଶତାଧିକ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ସଦସ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।।

